# NATIONAL NEWS BULLETIN (ODIA)
## 28 August - 2024
## Morning Bulletin : 7.15 A.M.

**************************************

## ମୁଖ୍ୟ ସମ୍ବାଦ

- ରାଜ୍ୟସଭାକୁ ଅପ୍ରତିଦ୍ୱନ୍ଦ୍ୱି ଭାବେ ନିର୍ବାଚିତ ହେଲେ ୧୨ ଜଣ ପ୍ରାର୍ଥୀ ।
- ସଂସଦୀୟ ଯୁଗ୍ମ କମିଟି ୱାକଫ୍ ସଂଶୋଧନ ବିଲ୍ ୨୦୨୪ ଉପରେ ଆହ୍ୱାନ କରିଛି ମତାମତ ।
- ଜାତୀୟ ବୈଷୟିକ ବୟନ ଶିଳ୍ପ ମିଶନ୍ ଅଧୀନରେ ୪ଟି ଷ୍ଟାର୍ଟଅପ୍ ପାଇଁ ମଞ୍ଜୁର ହେଲା ଆର୍ଥିକ ଅନୁଦାନ ।
- ଦ୍ୱିତୀୟ ଭାରତ-ଚିଲି ଯୁଗ୍ମ ଆୟୋଗ ବୈଠକରେ ଯୋଗଦେବା ପାଇଁ ନୂଆଦିଲ୍ଲୀରେ ପହଞ୍ଚିଲେ ଚିଲିର ବୈଦେଶିକ ମନ୍ତ୍ରୀ ।

ଏବଂ

- ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ପ୍ରତିଯୋଗିତା ପାଇଁ ୧୫ ଜଣିଆ ଭାରତୀୟ ଦଳ ଘୋଷଣା କଲା ବି.ସି.ସି.ଆଇ.

# ରାଜ୍ୟସଭା ଇଲେକ୍‌ସନ୍

୧୨ ଜଣ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱି ଭାବେ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ବିଜେପିର ୯ ଜଣ, ଏନ୍‌ଡିଏ ସହଯୋଗୀ ଦଳର ୨ ଜଣ ଏବଂ କଂଗ୍ରେସର ଜଣେ ପ୍ରାର୍ଥୀ ଅନ୍ତର୍ଭୁକ୍ତ । ରାଜ୍ୟସଭା ଉପନିର୍ବାଚନରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଏହି ପ୍ରାର୍ଥୀଙ୍କର ରାଜ୍ୟସଭାକୁ ନିର୍ବାଚିତ ହେବା ସ୍ପଷ୍ଟ ହୋଇଛି । ବିଜେପି ଦଳର ପ୍ରାର୍ଥୀ ଭାବେ ଆସାମରୁ ମିଶନ୍ ରଞ୍ଜନ ଦାସ ଓ ରାମେଶ୍ୱର ତେଲି, ବିହାରରୁ ମନନ କୁମାର ମିଶ୍ର, ହରିୟାଣାରୁ କୀରଣ ଚଢ଼ୀରୀ, ମଧ୍ୟପ୍ରଦେଶରୁ ଜର୍ଜ କୁରିଆନ୍, ମହାରାଷ୍ଟ୍ରରୁ ଧୀରୟା ଶୀଲ ପାଟିଲ, ଓଡ଼ିଶାରୁ ମମତା ମହାନ୍ତ, ରାଜସ୍ଥାନରୁ ରବନୀତ ସିଂହ ବିଟ୍ଟୁ ଏବଂ ତ୍ରିପୁରାରୁ ରାଜୀବ ଭଟ୍ଟାଚାର୍ଯ୍ୟ ଅପ୍ରତିଦ୍ୱନ୍ଦ୍ୱି ଭାବେ ନିର୍ବାଚିତ ହୋଇଛନ୍ତି । କଂଗ୍ରେସର ଅଭିଶେକ ମନୁ ସିଂଘଭି ତେଲଙ୍ଗାନାରୁ ଏବଂ ଏନ୍.ସି.ପି. ଅଜିତ ପାୱାର ଗୋଷ୍ଠୀର ନୀତିନ ପାଟିଲ୍ ମହାରାଷ୍ଟ୍ରରୁ ନିର୍ବାଚିତ ହୋଇଛନ୍ତି । ଆର୍.ଏଲ୍.ଏମ୍.ର ଉପେନ୍ଦ୍ର କୁଶୱାହା ବିହାରରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି ।

# ୱାକଫ୍ ସଜେସନ୍

ୱାକଫ୍ ସଂଶୋଧନ ବିଲ୍ ୨୦୨୪ ଉପରେ ବିଚାର ବିମର୍ଷ କରୁଥିବା ସଂସଦୀୟ ଯୁଗ୍ମ କମିଟି ସମାଜର ବିଭିନ୍ନ ବର୍ଗ, ସ୍ୱଚ୍ଛାସେବୀ

ସଂଗଠନ, ବିଶେଷଜ୍ଞ ଏବଂ ଅନୁଷ୍ଠାନମାନଙ୍କ ଠାରୁ ମତାମତ ଆହ୍ୱାନ କରିଛି । ଏ ନେଇ ଲୋକସଭା ସଚିବାଳୟ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି । ଲିଖିତ ପରାମର୍ଶ ଦେବାକୁ ଚାହୁଁଥିଲେ ଯୁଗ୍ମ ସଚିବ ଜେ.ଏମ୍. ଲୋକସଭା ସଚିବାଳୟ, ରୁମ୍ ନମ୍ବର ୪୪୦, ସଂସଦ ଭବନ ଆନେକ୍ସ, ନୂଆଦିଲ୍ଲୀ-୧୧୦୦୦୧ ଠିକଣାରେ ଦେଇପାରିବେ । ଇଂରାଜୀ ଏବଂ ହିନ୍ଦୀରେ ମତାମତ ପଠାଇ ପାରିବେ । ସେହିଭଳି **jpcwaqf-lss@sansad.nic.in**କୁ ଇମେଲ୍ ମାଧ୍ୟମରେ ମଧ୍ୟ ମତାମତ ପଠାଇବାକୁ କୁହାଯାଇଛି । ମତାମତ ପଠାଇବାକୁ ୧୫ ଦିନ ସମୟସୀମା ଧାର୍ଯ୍ୟ କରାଯାଇଛି । ବିଜ୍ଞପ୍ତି ଅନୁଯାୟୀ କମିଟି ନିକଟରେ ଦାଖଲ କରାଯାଇଥିବା ମତାମତ ରେକର୍ଡର ଅଂଶବିଶେଷ ହେବ ଏବଂ ଏହାକୁ ଗୋପନୀୟ ରଖାଯିବ । ତେବେ ବ୍ୟକ୍ତିଗତ ଭାବେ ହାଜର ହୋଇ ମତ ଉପସ୍ଥାପନ କରିବାକୁ ଚାହୁଁଥିବା ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ଜଣାଇବାକୁ ଅନୁରୋଧ କରାଯାଇଛି । ଏହି ବିଲ୍‌ର ଲେଖା ହିନ୍ଦୀ ଏବଂ ଇଂରାଜୀ ଭାଷାରେ ଲୋକସଭା ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି ।

ସୂଚନା ଯୋଗ୍ୟ ଗତ ବଜେଟ୍ ଅଧିବେଶନ ସମୟରେ ଲୋକସଭାରେ ଆଗତ ଏହି ବିଲ୍‌କୁ ଅଧିକ ଯାଞ୍ଚ ପାଇଁ ସାଂସଦ ଜଗଦମ୍ବିକା ପାଲ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଯୁଗ୍ମ ସଂସଦୀୟ କମିଟିକୁ ପଠାଇ ଦିଆଯାଇଥିଲା । ଆଗାମୀ ଶୀତକାଳୀନ ଅଧିବେଶନ ପ୍ରଥମ ସପ୍ତାହ ସୁଦ୍ଧା କମିଟି ତାର ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି ।

# ପୁରୀ-ବ୍ରାଜିଲ୍ ବୈଦେଶିକ ମନ୍ତ୍ରୀ

ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ଗତକାଲି ନୂଆଦିଲ୍ଲୀ ଠାରେ ବ୍ରାଜିଲ୍ ବୈଦେଶିକ ମନ୍ତ୍ରୀ ମାଉରୋ ଭିଏରାଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମନ୍ତ୍ରୀ ଶ୍ରୀ ପୁରୀ କହିଛନ୍ତି, ଏହି ଆଲୋଚନା ମଧ୍ୟରେ ହାଇଡ୍ରୋ କାବ୍ରନ ବାଣିଜ୍ୟ ଏବଂ ଦୁଇ ଦେଶ ମଧ୍ୟରେ ଶକ୍ତି କ୍ଷେତ୍ର ଅନ୍ତର୍ଭୁକ୍ତ ଥିଲା । ଏହି ଦ୍ୱିପାକ୍ଷିକ ଆଲୋଚନା ଫଳପ୍ରଦ ହୋଇଛି ବୋଲି ସେ କହିଛନ୍ତି । ଜୈବ ଇନ୍ଧନ ଏବଂ ଶକ୍ତି କ୍ଷେତ୍ରରେ ବ୍ରାଜିଲ୍‌ରେ ଭାରତର ପୁଞ୍ଜିନିବେଶ ନେଇ ମଧ୍ୟ ଆଲୋଚନା ହୋଇଛି ବୋଲି ଶ୍ରୀ ପୁରୀ ସୂଚନା ଦେଇଛନ୍ତି । ବୈଶ୍ୱିକ ଜୈବ ଇନ୍ଧନ ସଂଗଠନକୁ ବ୍ରାଜିଲ୍‌ର ନିରନ୍ତର ସମର୍ଥନ ରହିଛି ବୋଲି ଶ୍ରୀ ପୁରୀ କହିଛନ୍ତି । ଏହି ସଂଗଠନରେ ହଙ୍ଗେରୀ ସାମିଲ ହେବା ପରେ ୨୫ଟି ରାଷ୍ଟ୍ର ଏବଂ ୧୨ଟି ଆନ୍ତର୍ଜାତିକ ସଂସ୍ଥା ସଦସ୍ୟ ରହିଛନ୍ତି ବୋଲି ଶ୍ରୀ ପୁରୀ ସୂଚନା ଦେଇଛନ୍ତି ।

# ଟେକ୍ସଟାଇଲ୍ ଷ୍ଟାର୍ଟଅପ୍

ଜାତୀୟ ବୈଷୟିକ ବୟନ ଶିଳ୍ପ ମିଶନ୍ ଅଧୀନରେ ଚାରୋଟି ଷ୍ଟାର୍ଟଅପ୍‌କୁ ଆର୍ଥିକ ଅନୁଦାନ ପାଇଁ ମଞ୍ଜୁରୀ ମିଳିଛି । ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଅଷ୍ଟମ କ୍ଷମତାପ୍ରାପ୍ତ କାର୍ଯ୍ୟକ୍ରମ ବୈଠକରେ ଏହି ନିଷ୍ପତ୍ତି

ନିଆଯାଇଛି । ବୟନ ଶିଳ୍ପ ମନ୍ତ୍ରଣାଳୟର ଏହି ଚାରୋଟି ଷ୍ଟାର୍ଟଅପ୍‌କୁ ୫୦ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ଅନୁଦାନ ପ୍ରଦାନ କରାଯିବ । ଏହି ଷ୍ଟାର୍ଟଅପ୍ ଗୁଡ଼ିକ ନିରନ୍ତର ସ୍ମାର୍ଟ୍ ଏବଂ କମ୍ପୋଜିଟ୍ ବୟନଶିଳ୍ପ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ସେହିଭଳି ବୈଷୟିକ ବୟନଶିଳ୍ପରେ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ୫ଟି ଶିକ୍ଷାନୁଷ୍ଠାନ ଲାଗି ପାଖାପାଖି ୨୦ କୋଟି ଟଙ୍କାର ଅନୁଦାନକୁ ମଞ୍ଜୁରୀ ମିଳିଛି । ଏହି ଅନୁଷ୍ଠାନ ଗୁଡ଼ିକ ବୈଷୟିକ ବୟନ ଶିଳ୍ପର ବିଭିନ୍ନ କ୍ଷେତ୍ରରେ ନୂତନ ବିଟେକ୍ ପାଠ୍ୟକ୍ରମ ଆରମ୍ଭ କରିବାକୁ ପ୍ରସ୍ତାବ ଦେଇଥିଲେ ।

## ଚିଲି-ଏଫ୍ଏମ୍ ଇଣ୍ଡିଆ

ଚିଲିର ବୈଦେଶିକ ମନ୍ତ୍ରୀ ଆଲବର୍ଟୋ ଭାନ୍ କ୍ଲାଭେରେନ୍ ଭାରତ ଗସ୍ତରେ ଆସି ଗତ ରାତିରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହ ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ଭାରତ-ଚିଲି ଯୁଗ୍ମ ଆୟୋଗ ବୈଠକରେ ମିଳିତ ଭାବେ ଅଧ୍ୟକ୍ଷତା କରିବେ । ଶ୍ରୀ କ୍ଲାଭେରେନ୍ ମଧ୍ୟ ଆଜି ଚିଲି-ଭାରତ କୃଷି ବ୍ୟବସାୟ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବେ । ଏହି ଗସ୍ତ ଅବସରରେ ସେ ମୁମ୍ବାଇ ଯିବାର କାର୍ଯ୍ୟସୂଚୀ ରହିଛି । ଲାଟିନ୍ ଆମେରୀକୀୟ ଅଞ୍ଚଳରେ ଚିଲି ଭାରତର ଏକ ପ୍ରମୁଖ ସହଯୋଗୀ ରାଷ୍ଟ୍ର ।

ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଏବଂ ଆଲୋଚନା ମାଧ୍ୟମରେ ସହଯୋଗର ନୂତନ ମାର୍ଗ ଉନ୍ମୁକ୍ତ କରିବା ଶ୍ରୀ କ୍ଲାଭେରେନ୍‌ଙ୍କ ଭାରତ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ।

## ଇଣ୍ଡିଆ-ଏମ୍‌ପକ୍ସ ଆର୍‌ଟିପିସିଆର୍

ଭାରତ ମଙ୍କିପକ୍ସ ରୋଗର ନିରାକରଣ ଲକ୍ଷ୍ୟରେ ସ୍ୱଦେଶୀ ଆର୍.ଟି.ପି.ସି.ଆର୍. ପରୀକ୍ଷଣ କିଟ୍ ବିକଶିତ କରିଛି । କେନ୍ଦ୍ରୀୟ ଡ୍ରଗସ୍ ଷ୍ଟାଣ୍ଡାର୍ଡ୍ କଣ୍ଟ୍ରୋଲ୍ ଅଗ୍ରାନାଇଜେସନ୍ ଏହି ଭୂତାଣୁଜନିତ ରୋଗ ପାଇଁ ପରୀକ୍ଷଣ କିଟ୍‌କୁ ଅନୁମୋଦିତ କରିଛି । ଏହି କିଟ୍ ମାଧ୍ୟମରେ ୪୦ ମିନିଟ୍ ମଧ୍ୟରେ ନମୁନା ପରୀକ୍ଷଣର ଫଳାଫଳ ମିଳିଥାଏ । ପାରମ୍ପରିକ ପଦ୍ଧତି ତୁଳନାରେ ଏହା ଯଥେଷ୍ଟ କମ୍ ସମୟରେ ସମ୍ପାଦିତ ହୋଇଥାଏ ।

ସୂଚନା ଯୋଗ୍ୟ ଆଫ୍ରିକାର ବିଭିନ୍ନ ସ୍ଥାନରେ ମଙ୍କିପକ୍ସ ରୋଗର ସଂକ୍ରମଣକୁ ଦୃଷ୍ଟିରେ ରଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛି । ଡବ୍ଲୁ.ଏଚ୍.ଓ. ଅନୁଯାୟୀ ୨୦୨୨ରୁ ସମଗ୍ର ବିଶ୍ୱରେ ୧୧୬ଟି ଦେଶରୁ ୯୯ହଜାରରୁ ଅଧିକ ମଙ୍କିପକ୍ସ ମାମଲା ମିଳିଥିବା ବେଳେ ସେଥିରେ ୨୦୮ ଜଣଙ୍କର ମୃତ୍ୟୁ ହୋଇଥିଲା ।

## ଟାକ୍ସ ଫୋର୍ସ ମିଟିଂ

କାର୍ଯ୍ୟ ସ୍ଥଳୀରେ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସୁରକ୍ଷା ଓ ନିରାପତ୍ତା ନିମନ୍ତେ ପ୍ରସ୍ତାବ ସୁପାରିଶ ପାଇଁ ସୁପ୍ରିମ୍‌କୋର୍ଟଙ୍କ୍ ଦ୍ୱାରା ଗଠିତ ଜାତୀୟ ଟାକ୍ସ ଫୋର୍ସ୍‌ର ପ୍ରଥମ ବୈଠକ ଗତକାଲି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହୋଇଛି । କ୍ୟାବିନେଟ୍ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ଗୃହ ସଚିବ ଏବଂ ସ୍ୱାସ୍ଥ୍ୟ ସଚିବଙ୍କ ସମେତ ଟାକ୍ସଫୋର୍ସ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ୍ ଡିଜି ମାନଙ୍କ ସହିତ ଆଜି ଆଭାସୀ ମାଧ୍ୟମରେ ଆଲୋଚନା ହେବ ।

## ଅରୁଣାଚଳ ପ୍ରଦେଶ ଆର୍ମି ପର୍ସନାଲ୍ କିଲ୍ଡ

ଅରୁଣାଚଳ ପ୍ରଦେଶର ଉପର ସୁବାନସିରି ଜିଲ୍ଲାରେ ଏକ ଟ୍ରକ୍ ଘାଟିରୁ ଖସି ପଡ଼ିବାରୁ ତିନି ଜଣ ଯବାନ ସହିଦ ହୋଇଛନ୍ତି । ଅନ୍ୟ ଚାରି ଜଣ ଆହତ ହୋଇଛନ୍ତି । ଇଟାନଗର ପୁଲିସ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦୁର୍ଘଟଣା ସ୍ଥଳରେ ହିଁ ତିନି ଜଣ ଯବାନଙ୍କର ମୃତ୍ୟୁ ହୋଇଥିଲା । ସେନାର ପୂର୍ବ କମାଣ୍ଡ ଏହି ଦୁର୍ଘଟଣା ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ।

## ଖରିଫ୍ କ୍ରପ୍ସ

ଦେଶର ୧ହଜାର ୬୫ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଚଳିତ ବର୍ଷ ଖରିଫ୍ ଫସଲ ଚାଷ କରାଯାଉଛି । ଗତବର୍ଷ ଏହି ସମୟ ମଧ୍ୟରେ ୧ହଜାର ୪୪ଲକ୍ଷ ହେକ୍ଟର ଜମିରେ ଖରିଫ୍ ଚାଷ କରାଯାଇଥିଲା । କୃଷି ଏବଂ କୃଷକ କଲ୍ୟାଣ ବିଭାଗ ପକ୍ଷରୁ ପ୍ରକାଶିତ ଖରିଫ୍ ଫସଲ ସମ୍ପର୍କିତ ଅଗ୍ରଗତି ରିପୋର୍ଟରୁ ଏହା ଜଣାପଡ଼ିଛି । ୩୯୪ ଲକ୍ଷ ହେକ୍ଟର ଜମିରେ ଧାନ ଚାଷ ହୋଇଛି । ସେହିଭଳି ୧୧୫ ଲକ୍ଷ ହେକ୍ଟରରେ ଡାଲି, ୧୮୫ ଲକ୍ଷରୁ ଅଧିକ ହେକ୍ଟରରେ ଖାଦ୍ୟଶସ୍ୟ ଏବଂ ୧୮୮ ଲକ୍ଷରୁ ଅଧିକ ହେକ୍ଟରରେ ତୈଳବିଜ ଚାଷ ହୋଇଥିବା ଏହି ରିପୋର୍ଟରୁ ସୂଚନା ମିଳିଛି ।

## ଏନ୍‌ଏଚ୍‌ଆର୍‌ସି-ଫଟୋଗ୍ରାଫି

ଜାତୀୟ ମାନବାଧିକାର ଆୟୋଗ ଏହାର ଅନ୍‌ଲାଇନ୍ ଫଟୋଗ୍ରାଫି ପ୍ରତିଯୋଗିତା ୨୦୨୪ର କେତେକ ଫଳାଫଳ ଘୋଷଣା କରିଛି । ତୃତୀୟ ପୁରସ୍କାର ପାଇ ୫ଟି ଫଟୋ ଏବଂ ୨ହଜାର ଟଙ୍କାର ଶାନ୍ତ୍ୱନା ମୂଳକ ପୁରସ୍କାର ପାଇଁ ୫ଟି ଫଟୋକୁ ମନୋନୀତ କରାଯାଇଛି । ତେବେ ପ୍ରଥମ ଏବଂ ଦ୍ୱିତୀୟ ପୁରସ୍କାର ଘୋଷଣା ବାକି ରହିଛି । ମାଇ ଗଭ୍ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତା ଗତ ଜୁନ୍ ୭ ତାରୁଖ

ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏଥିରେ ମାନବାଧିକାର ସମ୍ବନ୍ଧୀୟ ୧୦ଟି ବିଷୟବସ୍ତୁ ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତା ପାଇଁ ମିଳିଥିବା ୬୪୨ଟି ଫଟୋଗ୍ରାଫ୍ ମଧ୍ୟରୁ ୨୦ଟିକୁ ଫାଇନାଲ୍ ପର୍ଯ୍ୟାୟ ଲାଗି ଚୟନ କରାଯାଇଥିଲା ।

## ଆଇସିସି ମହିଳା ଟି-ଟ୍ୱେଣ୍ଟି

ଆଇସିସି ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ପ୍ରତିଯୋଗିତା ପାଇଁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ଏକ ୧୫ ଜଣିଆ ଦଳ ଘୋଷଣା କରିଛି । ହରମନପ୍ରୀତ କୌର ଅଧିନାୟକ ଏବଂ ସ୍ମୃତି ମନ୍ଧାନା ଉପ-ଅଧିନାୟକ ଦାୟିତ୍ୱ ତୁଲାଇବେ । ଅନ୍ୟମାନଙ୍କ ମଧ୍ୟରେ ସେଫାଳି ବର୍ମା, ଜେମିମା ରୋଡ୍ରିଗେଜ୍, ଦୟାଲାନ ହେମଲତା, ସଜାନା ସଜୀବନ, ଦୀପ୍ତି ଶର୍ମା, ରାଧା ଯାଦବ, ଆଶା ଶୋଭନା, ଜସ୍ତିକା ଭାଟିଆ, ରିଚା ଘୋଷ, ରେଣୁକା ଠାକୁର, ପୂଜା ବସ୍ତ୍ରକର ଏବଂ ଅରୁନ୍ଧତୀ ରେଡ୍ଡୀ ଦଳରେ ସ୍ଥାନ ପାଇଛନ୍ତି । ଆସନ୍ତା ଅକ୍ଟୋବର ୩ରୁ ୨୦ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ୟୁ.ଏ.ଇ.ରେ ଅନୁଷ୍ଠିତ ହେବ । ୪ ତାରିଖରେ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳି ତାର ଅଭିଯାନ ଆରମ୍ଭ କରିବ । ୬ ତାରିଖରେ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ଅନୁଷ୍ଠିତ ହେବ । ଗ୍ରୁପ୍-ଏରେ

ସ୍ଥାନ ପାଇଥିବା ଅନ୍ୟାନ୍ୟ ଦଳ ଗୁଡ଼ିକ ମଧ୍ୟରେ ଅଷ୍ଟ୍ରେଲିଆ ଏବଂ ଶ୍ରୀଲଙ୍କା ଅଛନ୍ତି ।

## ଜୟଶାହା - ଆଇସିସି ଚେୟାର୍‌ମ୍ୟାନ୍

ଆନ୍ତର୍ଜାତିକ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡର ସ୍ୱାଧୀନ ଅଧ୍ୟକ୍ଷ ଭାବେ ଜୟ ଶାହା ନିର୍ବାଚିତ ହୋଇଛନ୍ତି । ଭାରତୀୟ କଣ୍ଟ୍ରୋଲ୍ ବୋର୍ଡ୍ – ବି.ସି.ସି.ଆଇ.ର ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ଶ୍ରୀ ଶାହା ଅପ୍ରତିଦ୍ୱନ୍ଦ୍ୱି ଭାବେ ନିର୍ବାଚିତ ହୋଇଛନ୍ତି । ଏହି ପଦ ପାଇଁ ଶ୍ରୀ ଶାହା ଏକମାତ୍ର ପ୍ରାର୍ଥୀ ଥିଲେ । ସର୍ବକନିଷ୍ଠ  ଅଧ୍ୟକ୍ଷ ଭାବେ ଆସନ୍ତା ଡିସେମ୍ବର ପହିଲାରେ ସେ ଦାୟିତ୍ୱ ଗ୍ରହଣ କରିବେ ।

ସୂଚନା ଯୋଗ୍ୟ ଆଇ.ସି.ସି.ର ବର୍ତ୍ତମାନର ଅଧ୍ୟକ୍ଷ ଥିବା ଗ୍ରେଗ୍ ବାର୍କଲେ ତୃତୀୟ ଥର ପାଇଁ ଆବେଦନ କରିପାରିବେ ନାହିଁ ବୋଲି ଗତ ୨୦ ତାରିଖରେ ଘୋଷଣା କରାଯାଇଥିଲା । ଶ୍ରୀ ବାର୍କଲେଙ୍କ କାର୍ଯ୍ୟକାଳକୁ ଆସନ୍ତା ନଭେମ୍ବରରେ ଶେଷ ହେବ ।